






# ଟି ଟାଇମ୍

## ନାସା ବୈଜ୍ଞାନିକ ଶିଖୁଛନ୍ତି ସଂସ୍କୃତ

ଆଜିକାଲି ଯେଉଁମାନେ ଭଲ ଇଂରାଜୀ କହିପାରୁଛନତି୍ ସେମାନେ ଭାବୁଛନ୍ତି ଆମେ ଦୁନିଆର ସବୁଠୁ ବଡ ଜ୍ଞାନୀ। କିନ୍ତୁ ଆମେରିକାର ଅନ୍ତରୀକ୍ଷ ଗବେଷଣା ସଂସ୍ଥା ନାସାର ବୈଜ୍ଞାନିକମାନେ ସଂସ୍କୃତ ଶିଖିବା ପାଇଁ ଖୁବ ଝାଳ ବୁହାଉଛନ୍ତି। ସେଠାକାର ଏକ ଗବେଷଣା ଟିମ୍ ସଂସ୍କୃତ ସାଗରରେ ଡୁବି ଯାଇଛନ୍ତି। କିନ୍ତୁ ପ୍ରଶ୍ନ ଉଠୁଛି ନାସାର ବୈଜ୍ଞାନିକମାନେ ସଂସ୍କୃତ ଶିଖିବା ପାଇଁ କାହିଁକି ଏତେ ଆଗ୍ରହୀ ? ନାସା ମାନୁଛନ୍ତି କି ବିଶ୍ୱରେ ବ୍ୟବହାର କରାଯାଉଥିବା ସମସ୍ତ ଭାଷା ମଧ୍ୟରୁ ସଂସ୍କୃତ ସବୁଠୁ ସ୍ୱଷ୍ଟ ବୋଲାଯାଇଥାଏ। ନାସା ଏବେ ଷଷ୍ଠ ଓ ସପ୍ତମ ଜେନେରେସନ ଉପରେ କାମ କରୁଛି ଯାହାକି ସଂସ୍କୃତ ଉପରେ ଆଧାରିତ। ସେଥି ପାଇଁ ସଂସ୍କୃତକୁ ସ୍ୱଷ୍ଟଭାବେ ବୁଝିବା ପାଇଁ ନାସା ସଂସ୍କୃତରେ ଲେଖାଯାଇଥିବା ୬୦ ହଜାର ପାଣ୍ଡୁଲିପି ଉପରେ ରିସର୍ଚ୍ଚ କରୁଛନ୍ତି।

## ସିଗାରେଟ ନିଶାରେ କୁକୁର

ଚୀନର ଏକ କୁକୁରକୁ ସିଗାରେଟ ନିଶା ଘାରିଛି । ସେ ରାତିରେ ଶୋଇବା



ପୂର୍ବରୁ ସିଗାରେଟ ଟାଣିକି ଶୋଇଥାଏ । ଏହାର ମାଲିକ ଲିୟୁ ନିୟମିତ ସିଗାରେଟ ଟାଣୁ ଥିବାରୁ କୁକୁରଟି ଏହି ଅଭ୍ୟାସରେ ପଡି ଯାଇଛି । ଏହି କୁକୁରଟିର ନାମ ମିୟା । ଲିୟୁ ଗତ ଦୁଇ ବର୍ଷ ତଳେ ଏହି କୁକୁରକୁ କିଣିଥିଲେ । ଦିନେ ଲିୟୁଙ୍କୁ ସିଗାରେଟ ଟାଣୁଥିବା ଦେଖି ମିୟା ସେହି ସ୍ଥାନ ଛାଡି ନଯିବାରୁ ଲିୟୁ ତାଙ୍କୁ ସିଗାରେଟ ଦେଇଥିଲା । ସେବେଠାରୁ ମିୟାର ଧୂମପାନ ନିଶା ବଢ଼ି ଯାଇଛି । ମିୟା ନିୟମିତ ଶୋଇବା ପୂର୍ବରୁ ସିଗାରେଟ ଟାଣିଥାଏ । ଲିୟୁଙ୍କ ପସନ୍ଦିତ ସିଗାରେଟ ହୋଇଛି ବ୍ରାଣ୍ଡ ୟୁକ୍ସି । ସେଥିପାଇଁ ମିୟା ଏହି ବ୍ରାଣ୍ଡର ସିଗାରେଟ ଟାଣିବାକୁ ସବୁବେଳେ ପସନ୍ଦ କରେ । ମିୟାର ସ୍ୱାସ୍ଥକୁ ନେଇ ସେ ଚିନ୍ତାରେ ପଡିଛନ୍ତି ଲିୟୁ । କାରଣ ଲିୟୁ ଚାହାନ୍ତିଯେ, ମିୟା ଖୁବଶୀଘ୍ର ସିଗାରେଟ ଛାଡି ଦେଉ ।

## ପୁରାଣ କାହାଣୀ

# ମହାଦେବ ମନ୍ଦିରରେ ଆଙ୍ଗୁଠି ପୂଜା



ମାଉଣ୍ଟଆବୁରେ ଅଚଳେଶ୍ୱର ମହାଦେବ ମନ୍ଦିର ବିରାଜମାନ। ଯେଉଁଠି ମହାଦେବଙ୍କ ପାଦର ଆଙ୍ଗୁଠିକୁ ପୂଜା କରାଯାଉଛି। ମହାଦେବଙ୍କ ଅତି ପ୍ରାଚୀନ ମନ୍ଦିର ଅଚଳେଶ୍ୱର ହୋଇଥିଲେ ମଧ୍ୟ ମାଉଣ୍ଟଆବୁକୁ ଅର୍ଦ୍ଧ କାଶୀ ବୋଲି ସମସ୍ତେ କହିଥାନ୍ତି। ମାଉଣ୍ଟଆବୁ ମହାଦେବଙ୍କ ଆଙ୍ଗୁଠି ଉପରେ ଦଣ୍ଡାୟମାନ। ଯେଉଁଦିନ ମହାଦେବଙ୍କ ଆଙ୍ଗୁଠି ଚିହ୍ନ ଉଭେଇ ଯିବ ସେହିଦିନ ମାଉଣ୍ଟଆବୁର ଅସ୍ତିତ୍ୱ ଲୋପ ପାଇଯିବ ବୋଲି ଅନେକ ମତ ବ୍ୟକ୍ତ କରିଛନ୍ତି। ଏହି ମନ୍ଦିରରେ ପଞ୍ଚଧାତୁରେ ତିଆରି ଏକ ବିଶାଳ ପ୍ରତିମା ନନ୍ଦୀ ମୂର୍ତ୍ତି ରହିଛି। ଏହି ମୂର୍ତ୍ତିର ଓଜନ ଚାରି ଟନ୍। ମନ୍ଦିରର ଗର୍ଭଗୃହରେ ଶିବଲିଙ୍ଗ ରହିଛି। ତାହାରି ଉପରେ ପାଦର ଆଙ୍ଗୁଠିର ଚିହ୍ନ ରହିଥିବା ଜଣାପଡ଼ିଛି। ଏହାକୁ ଶିବଲିଙ୍ଗ ରୂପରେ ଭକ୍ତମାନେ ପୂଜା କରିଥାନ୍ତି। ମାଉଣ୍ଟଆବୁ ପର୍ବତ ଯେଉଁଠି ଅବସ୍ଥିତ ପୁରାତନ କାଳରେ ସେଠାରେ ଏକ ବଡ଼ ବ୍ରହ୍ମ ଖାଇ ରହିଥିଲା। ଏଠାରେ ବଶିଷ୍ଠ ମୁନିଙ୍କ ଆଶ୍ରମ ଥିଲା। କାମଧେନୁ ଏହି ଖାଲ ଭିତରେ ପଡ଼ିଯାଉଥିବା କଥା ଜାଣି ବଶିଷ୍ଠ ମୁନି ଏହାର ସମାଧାନ ଲାଗି ସରସ୍ୱତୀ ଗଙ୍ଗାଙ୍କୁ ସ୍ମରଣ କରିଥିଲେ। ଏହା ପରେ ସରସ୍ୱତୀ ଗଙ୍ଗାଙ୍କ ମହିମାରୁ ବ୍ରହ୍ମ ଖାଇ ଜଳରେ ପରିପୂର୍ଣ୍ଣ ହୋଇ ବହିବାକୁ ଲାଗିଲା। କାମଧେନୁ ଏହି ଜଳ ମାଧ୍ୟମରେ ଉପରକୁ ଉଠିପାରିଥିଲା। ବାରମ୍ବାର କାମଧେନୁ ବ୍ରହ୍ମ ଖାଇରେ ପଡ଼ିବାରୁ ମୁନି ବଶିଷ୍ଠ ହିମାଚଳରେ ପହଞ୍ଚି ବ୍ରହ୍ମ ଖାଇକୁ ପୋତିବା ଲାଗି ହିମାଚଳଙ୍କୁ ଅନୁରୋଧ କଲେ। ହିମାଚଳ ତାଙ୍କ କଥା ଶୁଣି ନନ୍ଦୀ ବର୍ଦ୍ଧନକୁ ତାଙ୍କ ଆଶ୍ରମକୁ ପଠାଇଲେ। ନନ୍ଦୀ ଅର୍ବୁଦ୍ଧ ନାଗ ଉପରେ ବସି ବଶିଷ୍ଠ ମୁନିଙ୍କ ଆଶ୍ରମରେ ପହଞ୍ଚିଲେ। ବଶିଷ୍ଠ ମୁନିଙ୍କ ସମସ୍ୟାକୁ ସମାଧାନ କରିବା ପୂର୍ବରୁ ନନ୍ଦୀ ବରଦାନ ମାଗିଲେ ଯେ ସପ୍ତ ଋଷିଙ୍କ ଆଶୀର୍ବାଦ ସହ ଏଠାରେ ସପ୍ତ ଋଷିଙ୍କ ଆଶ୍ରମ ରହିବା ଉଚିତ୍ ଏବଂ ପର୍ବତ ସୌନ୍ଦର୍ଯ୍ୟମୟ ହେବା ଉଚିତ୍। ଅର୍ବୁଦ ନାଗ ମଧ୍ୟ ବର ମାଗିଲା ଯେ ଏହି ପର୍ବତର ନାମକରଣ ତା' ନାମାନୁସାରେ ହେଉ ଅର୍ଥାତ୍ ନନ୍ଦୀ ବର୍ଦ୍ଧନ ଆବୁ ପର୍ବତ ନାମରେ ପର୍ବତଟି ବିଖ୍ୟାତ ହେଲା। ବରଦାନ ପ୍ରାପ୍ତ କରିବା ପରେ ନନ୍ଦୀ ବର୍ଦ୍ଧନ ଖାଇରେ ଅବତରଣ କରୁଥିବା ବେଳେ ହଠାତ୍ ତଳକୁ ଖସିଗଲା। ନନ୍ଦୀର ନାକ ଏବଂ ତା'ର ଉପର ଅଂଶ ଖାଇ ଉପରେ ରହିଗଲା। ଯାହା ଆଜି ଆବୁ ପର୍ବତ ନାମରେ ପରିଚିତ। ନନ୍ଦୀ ଚାଲିବାରେ ସକ୍ଷମ ହୋଇପାରୁନଥିବା ଦେଖି ବଶିଷ୍ଠ ମୁନିଙ୍କ ନିବେଦନରେ ମହାଦେବ ନିଜର ଡାହାଣ ପାଦର ଆଙ୍ଗୁଠିକୁ ପ୍ରସାର କରି ନନ୍ଦୀକୁ ସ୍ଥିର କରିଦେଲେ ଅର୍ଥାତ୍ ପର୍ବତକୁ ଅଚଳ କରିଦେଲେ। ଫଳରେ ଏହା ଅଚଲ୍‌ଗଢ଼ ନାମରେ ନାମିତ କରାଗଲା। ରହସ୍ୟଭରା ଏହି ଅଚଳେଶ୍ୱର ମହାଦେବ ମନ୍ଦିରରେ ଆଙ୍ଗୁଠି ପୂଜା କରାଯାଇଥାଏ। ଏହି ଆଙ୍ଗୁଠି ନିମ୍ନରେ ପ୍ରାକୃତିକ ଗର୍ତ୍ତ ରହିଛି। ଏହି ଗର୍ତ୍ତରେ ଯେତେ ପାଣି ଢ଼ାଳିଲେ ତାହା ପୂର୍ଣ୍ଣ ହୋଇନଥାଏ। ଅର୍ପଣ କରାଯାଉଥିବା ଜଳ କୁଆଡ଼େ ଯାଏ ତାହା ଆଜି ବି ମଧ୍ୟ ରହସ୍ୟ ଘେରରେ ରହିଛି। ଅଚଳେଶ୍ୱର ମନ୍ଦିରରେ ଦୁଇଟି ଧର୍ମକଣ୍ଟା ରହିଛି। କୁହାଯାଏ ଏଠାକାର ରାଜା ନିଜ ରାଜସିଂହାସନରେ ବସିବା ସମୟରେ ଅଚଳେଶ୍ୱର ମହାଦେବଙ୍କ ଆଶୀର୍ବାଦ ନେଇ ଧର୍ମକଣ୍ଟା ତଳେ ପ୍ରଜାମାନଙ୍କ ସହ ନ୍ୟାୟ ଦେବା ପାଇଁ ଶପଥ ନେଇଥିଲେ।

## ଆତଙ୍କୀ ଟାର୍ଗେଟରେ ରାଜକୁମାର ଜର୍ଜ




ବ୍ରିଟେନ୍‌ର ରାଜକୁମାର ୱିଲିୟମ୍ ଓ କେଟ୍ ମଡିଲଟନଙ୍କ ପୁତ୍ର ରାଜକୁମାର ଜର୍ଜ ଏବେ ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସ୍‌ଆଇଏସ୍‌ର ଟାର୍ଗେଟରେ ଅଛନ୍ତି। ବ୍ରିଟେନର ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଇସଲାମିକ୍ ଷ୍ଟେଟର ହିଟ୍‌ଲିଷ୍ଟରେ ରାଜକୁମାର ଜର୍ଜଙ୍କ ନାମ ରହିଛି ଓ ତାଙ୍କୁ ହତ୍ୟା କରିବାକୁ ଧମକ ଦିଆଯାଇଛି। ଇସଲାମିକ୍ ଷ୍ଟେଟ୍ ପକ୍ଷରୁ ଏହା ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଛି। ଜର୍ଜ ନିକଟରେ ସେଣ୍ଟ୍ରାଲ ଲଣ୍ଡନରେ ଥିବା ଏକ ସ୍କୁଲରେ ପଢ଼ିବା ଆରମ୍ଭ କରିଛନ୍ତି। ବ୍ରିଟେନର ଖବରକାଗଜ ଷ୍ଟାର ସଣ୍ଡେ ରିପୋର୍ଟ ଅନୁଯାୟୀ ଇସଲାମିକ୍ ଷ୍ଟେଟଦ୍ୱାରା କରାଯାଇଥିବା ପୋଷ୍ଟରେ ସ୍କୁଲର ସାମ୍ନାରେ ସେ ଛିଡା ହୋଇଥିବାର ଏକ ଫଟୋପୋଷ୍ଟ କରାଯାଇଛି। ଏଥିରେ ଏକ କ୍ୟାପସନ୍ ବି ଦିଆଯାଇଛି। ଯେଉଁଥିରେ ଲେଖାଯାଇଛି, 'ସ୍କୁଲ ଷ୍ଟାର୍ଟସ ଅର୍ଲି'। ଖବରକାଗଜ ନିଜ ରିପୋର୍ଟରେ ଲେଖିଛି ଯେ, ପୋଷ୍ଟର ଆରବି ଭାଷାରେ କିଛି ଲେଖାଯାଇଛି। ଇସଲାମିକ୍ ଷ୍ଟେଟ୍ ନିଜ ପୋଷ୍ଟ ପାଇଁ ଟେଲିଗ୍ରାମ ଆପ୍ ବ୍ୟବହା କରିଥାଏ। କାରଣ ଏଥିରେ ୟୁଜରଙ୍କ ଲୋକେସନ୍ ଜଣାପଡିନଥାଏ। ପୂର୍ବରୁ ବି ରାଜକୁମାରଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠିଆସୁଛି। ଜର୍ଜ ସ୍କୁଲ ଯିବା ପୂର୍ବରୁ ବି ସେଠରେ ଜଣେ ସନ୍ଦିଗ୍ଧ ମହିଳାଙ୍କୁ ଦେଖାଯାଇଥିଲା।

## ଶେଷରେ ପିନ୍ଧିଲେ ଜୋତା



ମିଚିଗାଲର ୧୯ବର୍ଷୀୟ ବ୍ରାଉନ ଏବେ ସବୁଠୁ ଖୁସି। ଏହାର କାରଣ ହେଲା ସେ ଦୀର୍ଘ ବର୍ଷ ପରେ ଜୋତା ପିନ୍ଧିଥିଲେ। ବ୍ରାଉନଙ୍କ ପାଇଁ ବଜାରରେ ସହଜରେ ପୋଷାକ ମିଳିଯାଉଥିଲା ବେଳେ ତାଙ୍କର ପାଦର ଲମ୍ବ ଅଧିକ କାରଣରୁ ବଜାରରେ ମିଳୁନଥିଲା ଜୋତା। ଏପରିକି ସେ ଅନେକ ନାମୀଦାମୀ କମ୍ପାନୀମାନଙ୍କୁ ମଧ୍ୟ ଅନୁରୋଧ କରିଥିଲା ବେଳେ ସେମାନେ ସିଧାସଳଖ ମନା କରିଦେଇଥିଲେ। ବ୍ରାଉନଙ୍କ ଜୋତା ନମ୍ବର ହେଉଛି-୨୮। ନିକଟରେ ଏକ କମ୍ପାନୀ ଥ୍ରୀଡି ପ୍ରିଣ୍ଟରର ସହଯୋଗରେ ତାଙ୍କ ପାଇଁ ଏକ ହଳ ଜୋତା ତିଆରି କରିଛି। ଏହି କମ୍ପାନୀ ଜୋତାଟିକୁ ବ୍ରାଉନକୁ ଉପହାରରେ ପ୍ରଦାନ କରିଛି। ଜୋତା ପାଇବା ପରେ ବ୍ରାଉନଙ୍କ ଖୁସି ବଢିଯାଇଛି। ଲାଲ ଏବଂ କଳା ରଙ୍ଗର ଜୋତାଟି ତାଙ୍କୁ ଏବେ ଏତେ ପସନ୍ଦ ହୋଇଛି ଯେ, ସେ ଯେଉଁଆଡେ ଯାଉଛନ୍ତି ଏହି ଜୋତା ପିନ୍ଧି ବୁଲୁଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଗତ କିଛି ବର୍ଷ ଧରି ଜୋତା ନଥିବା କାରଣରୁ ବ୍ରାଉନ ଖାଲି ପାଦରେ ବୁଲିବାକୁ, ବାହାରକୁ ଯିବାକୁ ବାଧ ହେଉଥିଲେ।

## ଟ୍ରିପଲ୍ ଏକ୍ସର ସିକ୍ୟୁଏଲ୍‌ରେ ଦୀପିକା



ବଲିଉଡରେ ଶାହାରୁଖ ଖାନ୍‌ଙ୍କ ସହ ଫିଲ୍ମ 'ଓମ୍ ଶାନ୍ତି ଓମ'ରୁ ଡେବ୍ୟୁ କରିଥିବା ଦୀପିକା ପାଦୁ୍ୟକୋନ୍ ହଲିଉଡ୍‌ରେ ପାଦ ଥାପି ସାରିଲେଣି। ଚଳିତବର୍ଷ ତାଙ୍କ ହଲିଉଡ୍ ଫିଲ୍ମ 'ଟ୍ରିପଲ୍ ଏକ୍ସ: ରିଟର୍ଣ୍ଣ ଅଫ୍ ଜେଣ୍ଡର କେଜ୍' ରିଲିଜ୍ ହୋଇଥିଲା। ଯେଉଁଥିରେ ଦୀପିକାଙ୍କ ଅଭିନୟକୁ ସମସ୍ତେ ଖୁବ୍ ପ୍ରଶଂସା କରିଥିଲେ। ଏବେ ଶୁଣିବାକୁ ମିଳୁଛି, ଦୀପିକା ପୁଣି ଥରେ ହଲିଉଡ୍ ଫିଲ୍ମରେ ନଜର ଆସିବେ। ଫିଲ୍ମ ଟ୍ରେଡ୍ ଏକ୍ସପୋର୍ଟ ଟ୍ୱିଟ୍ କରି ସୂଚନା ଦେଇଛନ୍ତି କି, ଦୀପିକା 'ଟ୍ରିପଲ୍ ଏକ୍ସ'ର ଆଗାମୀ ପାର୍ଟରେ ନଜର ଆସିବେ। କୁହାଯାଉଛି, ଏଥର ଦୀପିକାଙ୍କ ଭୂମିକା ପୂର୍ବ ଅପେକ୍ଷା ଅଧିକ ବଡ ହେବ। ଏହି ଖବରରେ କେତେ ଦୂର ସତ୍ୟତା ରହିଛି, ତାହା ଆଗାମୀ ଦିନରେ ଜଣାପଡିବ। କିନ୍ତୁ ଦୀପିକା ତାଙ୍କ ବଲିଉଡ୍ ଫିଲ୍ମ 'ପଦ୍ମାବତୀ'କୁ ନେଇ ଭାରି ବ୍ୟସ୍ତ ଅଛନ୍ତି। ସଂଜୟ ଲୀଳା ବଂଶାଲୀଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିବା 'ପଦ୍ମାବତୀ' ଫିଲ୍ମଟି ଆସନ୍ତା ଡିସେମ୍ବର ୧ରେ ରିଲିଜ୍ ହେବ।

## ଗାଧୁଆଘର ଯତ୍ନ ନେବେ କିପରି

ଗାଧୋଇ ଆସିବା ପରେ ଆମେ ଫ୍ରେସ୍ ଅନୁଭୁତ କରିଥାଉ। କିନ୍ତୁ ଆମ ଅଜାଣତରେ ଆମେ ଏଭଳି ଅନେକ ଭୁଲ କରିଦେଇଯାଉ। ଯାହା ଆମ ଶରୀର ଅସୁସ୍ଥ ହେବାର କାରଣ ହୋଇଥାଏ। ବାଥରୁମ୍‌ରେ ଥିବା ରୋଗ ଜୀବାଣୁ ହେଉଛନ୍ତି ଏହାର ମୁଖ୍ୟ କାରଣ। କଥାଟି ଆଶ୍ଚର୍ଯ୍ୟ ଲାଗିଲେ ବି ସତ! ବାଥ୍‌ରୁମ୍‌ରେ ଏତେ ପରିମାଣର ଜୀବାଣୁ ଭର୍ତ୍ତୀ ହୋଇ ରହିଥାଏ, ଯାହା ଆପଣଙ୍କୁ ରୋଗଗ୍ରସ୍ଥ କରିପାରେ। ଏଥିପାଇଁ ଜାଣି ରଖନ୍ତୁ କେତୋଟି କଥା-

ରେବେଲସର୍କସ୍‌ଙ୍କ



ମୁତାବିକ ଯଦି ଆପଣ ଟଏଲେଟ୍‌ର ବ୍ୟବହାର କରିବା ପରେ ଫ୍ଲସ ଅନ୍ କରି ଠିକ୍ ଭାବେ ବନ୍ଦ କରୁନାହାନ୍ତି ତେବେ ଟଏଲେଟ୍‌ରୁ ବାହାରୁଥିବା ପାଣି ଟୋପା ଟଏଲେଟ୍‌ରୁ ଛଅ ଫିଟ୍ ଦୂର ପର୍ଯ୍ୟନ୍ତ ଜୀବାଣୁକୁ ପରିବ୍ୟାପ କରିଥାଏ।

ବାଥ୍‌ରୁମ୍ ମଧ୍ୟରେ ଯଦି ଦାନ୍ତ ଘସା ବ୍ରସ ରଖୁଛନ୍ତି, ତେବେ ଦାନ୍ତ ଘସି ସାରିବା ପରେ ଏହାକୁ ଶୁଆଇ ରଖିବା ପ୍ରତିବଦଳରେ ଠିଆ କରି ରଖନ୍ତୁ। ଯଦି ଆପଣଙ୍କୁ ଏହା ଲାଗିଥାଏ କି ଦାନ୍ତ ଘସିବା ପରେ କେବଳ ଯଦି ପାଣିରେ ବ୍ରସ୍‌କୁ ଧୋଇ ଦେବା ଦ୍ୱାରା ଆପଣଙ୍କ ବ୍ରସକୁ ସଫା ରଖିପାରୁଛନ୍ତି, ତେବେ ଆପଣଙ୍କ ଭାବିବା ଭୁଲ୍। ଏହି ବ୍ରସ୍‌କୁ ଏପରି ସ୍ଥାନରେ ରଖନ୍ତୁ ଯେପରି ଏଥିରେ ପବନ ବାଜୁଥିବ।

ଶୌଚ ସମୟରେ ଦେହକୁ ସଫା କରିବା ପାଇଁ ଅନେକ ଭାବିଥାନ୍ତି କୌଣସି ତଉଲିଆ କିମ୍ବା ପ୍ଲାଷ୍ଟିକ୍‌ର ମଜାରେ ସଫା କରିବା ଦ୍ୱାରା ଶରୀର ସଫା ହୋଇଯିବା ସହିତ ଜୀବାଣୁ ମୁକ୍ତ ହୋଇଯାଇଥାଏ। କିନ୍ତୁ ପ୍ରକୃତରେ ତାହା ନୁହେଁ ଯଦି ଆପଣ ଏହାର ବ୍ୟବହାର କରୁଛନ୍ତି ତେବେ ସାବଧାନ ହୋଇଯାଆନ୍ତୁ। ଯଦି ଆପଣ ଏହା ଭାବୁଛନ୍ତି ଆପଣ ଏପରି କରିବା ଦ୍ୱାରା ଆପଣ ଆପଣଙ୍କ ଚମଡ଼ାକୁ ଚମକାଉଛନ୍ତି ତେବେ ତାହା ଆପଣଙ୍କ ଭୁଲ୍ ଧାରଣା କାରଣ ଏପରି କରିବା ଦ୍ୱାରା ଆପଣ ଆପଣଙ୍କ ମୃତ କୋଶିକାକୁ ଆଉଥିରେ ରଗଡୁଛନ୍ତି। ତିନିରୁ ଚାରି ସପ୍ତାହ ମଧ୍ୟରେ ନିଜର ଏହି ଘସାକୁ ପରିବର୍ତ୍ତନ କରନ୍ତୁ।

ଅନେକ ଲୋକ ଶୌଚ ସମୟରେ ପୋଛା ପୋଛି ହେବା ପାଇଁ ଯେଉଁ ତଉଲିଆ ବ୍ୟବହାର କରୁଥିବା ସେହି ତଉଲିଆକୁ ଧୋଇ ବାଥ୍‌ରୁମ୍‌ରେ ହିଁ ଶୁଖେଇ ଦେଇଥାନ୍ତି। ଯାହା ଅନେକ ଜୀବାଣୁକୁ ନିମନ୍ତ୍ରଣ କରିଥାଏ। ଏହାକୁ ବାଥ୍‌ରୁମ୍‌ରେ ଶୁଖାନ୍ତୁ ନାହିଁ।

ବାଥ୍‌ରୁମ୍ ବନ୍ଦ ରହିବା କାରଣରୁ ସେଠାରେ ତଉଲିଆ ଝାଲୁଆ ହୋଇ ରହିଥାଏ। ତେଣୁ ବାଥରୁମ୍‌ରେ ଫ୍ୟାନ୍ ନିଶ୍ଚିତ ରୂପରେ ଲଗାନ୍ତୁ। ଯାହାଦ୍ୱାରା ପବନ ବାହାରକୁ ବାହାରି ପାରିବ।

ବାଥ୍‌ରୁମ୍‌ରେ ଫୋନ୍‌ର ବ୍ୟବହାର କରନ୍ତୁ ନାହିଁ, ଏହା ଦ୍ୱାରା ବାଥ୍‌ରୁମ୍‌ରେ ରହିଥିବା ଜୀବାଣୁ ଆପଣଙ୍କ ଫୋନ୍ ମଧ୍ୟକୁ ଆସିଯାଇଥାନ୍ତି। ଯାହା ଆପଣଙ୍କ ଶରୀରରେ ପ୍ରଭାବ ପକାଇଥାଏ।

ଭୁଲ୍‌ରେ ବି ବାଥ୍‌ରୁମ୍ ଭିତରକୁ ଖାଲିପାଦରେ ଯାଆନ୍ତୁ ନାହିଁ, କାରଣ ଏହାର ଚଟାଣରେ ୨ମିଲିୟନରୁ ବି ଅଧିକ ବ୍ୟାକ୍‌ଟେରୀୟା ରହିଥାଏ।

## ସ୍ୱାସ୍ଥ୍ୟ ଖରାପ କରୁଛି ଶସ୍ତା ଇଣ୍ଟରନେଟ୍



ଯଦି ଆପଣ ଶସ୍ତା ଇଣ୍ଟରନେଟ ଡାଟା ବ୍ୟବହାର ଉପରେ ଅଧିକ ଜୋର ଦେଉଛନ୍ତି ତେବେ ସାବଧାନ ହୋଇଯାଆନ୍ତୁ। କାରଣ ଶସ୍ତା ଇଣ୍ଟରନେଟ ଡାଟା ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଉଛି। ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ମେଣ୍ଟାଲ ହେଲଥ ଆଣ୍ଡ ନ୍ୟୁର ସାଇନ୍ସ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ଏ ସମ୍ପର୍କରେ ପ୍ରଫେସର ଡ. ମନୋଜ କୁମାର କହିଛନ୍ତି ଯେ ଗତବର୍ଷ ଆମେ ଆମ କ୍ଲିନିକରେ ଅତ୍ୟଧିକ ସ୍ମାର୍ଟ ଫୋନ ବ୍ୟବହାର କରୁଥିବା ଲୋକଙ୍କୁ ନେଇ ଏକ ସର୍ଭେ ଆରମ୍ଭ କରିଥିଲୁ। ଏଥିରୁ ଜଣାପଡିଥିଲା ଯେ ଅତ୍ୟଧିକ ସ୍ମାର୍ଟ ଫୋନ ବ୍ୟବହାର ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଛି। ଫୋନରେ ବାରମ୍ବାର ଭିଡ଼ିଓ ଦେଖିବା, ଗେମ୍ସ ଖେଳିବା ଆଖି ଉପରେ ପ୍ରଭାବ ପକାଉଛି। ଅନେକ ଲୋକ ଏହି କାରଣରୁ ଆମ ନିକଟକୁ ଆଖି ସମସ୍ୟା ନେଇ ଆସୁଛନ୍ତି। ଏଥିସହ ଅତ୍ୟଧିକ ସ୍ମାର୍ଟ ଫୋନ ବ୍ୟବହାର ଦ୍ୱାରା ମୁଣ୍ଡ ବିନ୍ଧା, ବେକ ଦରଜ ଆଦିର ସମସ୍ୟା ମଧ୍ୟ ଦେଖାଯାଉଛି। ଆମ ରିପୋର୍ଟରୁ ଜଣାପଡିଛି ଯେ ଶସ୍ତା ଇଣ୍ଟରନେଟ ଡାଟା ଲୋକଙ୍କୁ ଅଧିକରୁ ଅଧିକ ସମୟ ଫୋନ ସହ ଯୋଡି ରହିବାକୁ ବାଧ କରୁଛି।

## ଅକ୍ସିଜେନ୍ ଗ୍ୟାଜେଟ୍

ବର୍ତ୍ତମାନ ସମୟରେ ଯାହ ଆସିଲାଣି ସ୍ୱଚ୍ଛ ବାୟୁ ଗ୍ରହଣ କରିବା କଷ୍ଟକର ହେଉଛି। ଯାନବାହନରୁ ବାହାରୁଥିବା ଧୂଆଁ ବାୟୁମଣ୍ଡଳକୁ ବହୁଳ ମାତ୍ରାରେ ପ୍ରଭାବିତ କରୁଛି। ଦିନ ଆସିବ ଶୁଦ୍ଧ ବାୟୁ ଗ୍ରହଣ କରିବା ପାଇଁ ସାଙ୍ଗରେ ଅକ୍ସିଜେନ୍ ମାକ୍ସ କିମ୍ବା କୌଣସି ଗ୍ୟାଜେଟ୍ ଧରି ବୁଲିବାକୁ ପଡିବ। ଏଭଳି ସମସ୍ୟାକୁ ଆଖି ଆଗରେ ରଖି ଜର୍ଜିଆର ଟ୍ରିପେକ୍ସ ଫାଉଣ୍ଡେସନର ଦୁଇଜଣ ସଦସ୍ୟ ଏକ ବିଚିତ୍ର ଗ୍ୟାଜେଟ୍‌କୁ ପ୍ରସ୍ତୁତ କରିଛନ୍ତି। ଲାସା ଏବଂ ବାଟୋ ନାମକ ଏହି ଦୁଇ ସଦସ୍ୟ ଆଗତ ଭବିଷ୍ୟତକୁ କଳ୍ପନା କରି ଏକ ଗ୍ୟାଜେଟ୍ ତିଆରି କରିଛନ୍ତି। ନିକଟରେ ସେ ଏହି ଗ୍ୟାଜେଟ୍‌ଟିକୁ ଲଞ୍ଚ କରିଛନ୍ତି ଏବଂ ଏହାର ନାଁ ଟ୍ରିପେକ୍ସ- ଏ ପକେଟ୍ ଡିଭାଇନ୍ ରଖାଯାଇଛି। ପ୍ରଦୂଷିତ ବାୟୁକୁ ଶୁଦ୍ଧ କରିବା ହେଉଛି ଏହି ଗ୍ୟାଜେଟ୍‌ର କାମ। ଏହି ପକେଟ ଗ୍ୟାଜେଟ୍‌କୁ ନାକରେ ଲଗାଇ ଆପଣ କାମ ମଧ୍ୟ କରିପାରିବେ।